ପ୍ରମେୟ
THE PRAMEYA

ସୋମବାର
୧୮ ଜୁଲାଇ ୨୦୧୬

# ୨୦୧୯ରୁ ସ୍ଥାୟୀ କ୍ୟାମ୍ପସ୍‌ରେ ଆଇଆଇଟି

ଭୁବନେଶ୍ୱର, ୧୭ ।୭(ବ୍ୟୁରୋ): ୨୦୧୮ ଡିସେମ୍ବର ଶେଷ ସୁଦ୍ଧା ଆଇଆଇଟି (ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି) ଭୁବନେଶ୍ୱରର ସମସ୍ତ ମୌଳିକ ଆବଶ୍ୟକତା ପୂରଣ ହେବ। ସେହିପରି ୨୦୧୯ରୁ ସ୍ଥାୟୀ କ୍ୟାମ୍ପସ୍‌ରେ ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରତ୍ନମ ବରଦା ରାଜକୁମାର ସୂଚନା ଦେଇଛନ୍ତି। ତେବେ ଏହା ପୂର୍ବରୁ ଦୁଇ ହଜାର କୋଟି ଟଙ୍କା ବ୍ୟୟରେ ସମସ୍ତ ମୌଳିକ ଆବଶ୍ୟକତା ପୂରଣ କରାଯିବ। ଛାତ୍ରାବାସ, ସମ୍ମିଳନୀ କକ୍ଷ, ଫାକଲଟି କଟେଜ୍, ପୂର୍ଣ୍ଣାଙ୍ଗ ଖେଳ ପଡ଼ିଆ, ଷ୍ଟୁଡେଣ୍ଟସ୍ ଆକ୍ଟିଭିଟି ସେଣ୍ଟର୍(ଏସ୍ଏସି)ଆଦି ନିର୍ମାଣ କରାଯିବ। ତେବେ ଗତ ବଜେଟ୍‌ରେ ଏହି ଅର୍ଥ ବରାଦ କରାଯାଇଛି। ଏପରିକି ନୂଆ



## ଖର୍ଚ୍ଚ ହେବ ୧୨ ଶହ କୋଟି

ଭାବେ ଗଢି ଉଠିଥିବା ୮ଟି ଆଇଆଇଟି ମଧ୍ୟରୁ ଭୁବନେଶ୍ୱର ଆଇଆଇଟିକୁ କେବଳ ନିର୍ମାଣ କାର୍ଯ୍ୟ ପାଇଁ ସର୍ବାଧିକ ୮୭୨ କୋଟି ଟଙ୍କା ଦିଆଯାଇଛି ଓ ଏହା ଆରମ୍ଭରୁ ଏ ପର୍ଯ୍ୟନ୍ତ ଆସିଥିବା ନିର୍ମାଣ କାର୍ଯ୍ୟ ସମ୍ପର୍କିତ ଟଙ୍କାଠୁ ଅଧିକ ବୋଲି ନିର୍ଦ୍ଦେଶକ କହିଥିଲେ।

ଉଲ୍ଲେଖଯୋଗ୍ୟ ଭୁବନେଶ୍ୱର ଆଇଆଇଟିରେ ଏବେ ଛାତ୍ରାବାସର ଅଭାବ ରହିଛି। ଯାହା ଫଳରେ ରାଜଧାନୀର ବିଭିନ୍ନ ସ୍ଥାନରେ ହୋଇଥିବା ହଷ୍ଟେଲ୍‌ରେ ଛାତ୍ରମାନେ ରହୁଛନ୍ତି। ଏପରିକି ନାମ ଲେଖିବାକୁ ଆସୁଥିବା ବାହାରର ଅଭିଭାବକମାନେ ଏ ବାବଦରେ ପଚାରି ବୁଝୁଛନ୍ତି। ହଷ୍ଟେଲ୍ ସମସ୍ୟାକୁ ଆଂଶିକ ଭାବେ ସମାଧାନ କରିବାକୁ ଯାଇ ଚଳିତ ବର୍ଷଠାରୁ ଅରଗୁଳଠାରେ ଥିବା ନାଇଜର୍ ଛାତ୍ରାବାସରେ ୧୬୦ ଜଣ ଛାତ୍ର ରହିବେ। ଏଥି ପାଇଁ ଆଇଆଇଟି ଓ ନାଇଜର୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ସରିଛି। ସେହିପରି ଶ୍ରେଣୀଗୃହର ଉତ୍କଟ ଅଭାବ ରହିଛି। ଗତ ଜାନୁଆରୀରେ ରାଜ୍ୟପାଳ ଉଦ୍‌ଘାଟନ କରିଥିବା ବିଭିନ୍ନ ଲ୍ୟାବ୍‌ରେ ଏବେ ଥିଓରି କ୍ଲାସ୍ ନିଆଯାଉଛି। ତେବେ ସମସ୍ତ ଥଓରି କ୍ଲାସ୍ ଏବେ କ୍ୟାମ୍ପସ୍‌ରେ ହେଉଥିବା ବେଳେ ମେକାନିକାଲ୍ ଇଞ୍ଜିନିୟରିଂ ଓ ମେଟାଲର୍ଜିର ପ୍ରାକ୍ଟିକାଲ୍ ବାହାରେ ହେଉଛି। ସେହିପରି ଆଇଆଇଟିର କ୍ରମାଗତ ଭାବେ ବୃଦ୍ଧି ପାଇଁ ପ୍ରତି ବର୍ଷ ସିଟ୍ ସଂଖ୍ୟା ବଢାଯାଉଛି। ବିଟେକ୍ ସିଟ୍ ୧୮୦ରୁ ୨୬୦ ହୋଇଥିବା ବେଳେ ଆସନ୍ତା ବର୍ଷକୁ ୩ଶହ କରାଯିବାର ଯୋଜନା ରହିଛି। ସେହିପରି ଏମ୍‌ଟେକ୍‌ର ପ୍ରତି ବିଭାଗରେ ସିଟ୍ ବୃଦ୍ଧି କରାଯିବା ସହ ଇଣ୍ଟିଗ୍ରେଟେଡ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଆଇଆଇଟି ଭୁବନେଶ୍ୱରର ର୍‍ୟାଙ୍କ୍ ବୃଦ୍ଧି ପାଇବା ସହ କଟ୍ ଅଫ୍ ମାର୍କ ମଧ୍ୟ ବଢିଛି। ସେହିପରି ଆଗାମୀ ଦିନରେ ପ୍ରତି ବିଭାଗରେ ଜଣେ ଲେଖାଏଁ ବିଦେଶୀ ଅଧ୍ୟାପକ ଆସି ପଢାଇବେ ବୋଲି ଜଣାପଡିଛି। ଏବେ ଗଣିତ ବିଭାଗରେ ଲୁଇ ମାଲେନା ନାମକ ଇଟାଲୀର ଜଣେ ପ୍ରଫେସର ଆଜି ଆଇଆଇଟି ଭୁବନେଶ୍ୱରରେ କ୍ଲାସ୍ ନେଉଛନ୍ତି ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# 'ଆଇଆଇଟି ପାଲ୍' ଦେବ ଜେଇଇ ମେନ୍ କୋଚିଂ

ଭୁବନେଶ୍ୱର, ୧୭।୭ (ବ୍ୟୁରୋ): କୋଚିଂ ସେଣ୍ଟରଗୁଡ଼ିକର ପ୍ରଭାବ କମିବ। ଏଥି ପାଇଁ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରାଳୟ ଆରମ୍ଭ କରିଛନ୍ତି ଆଇଆଇଟି ପାଲ୍ (IIT-PAL)ନାମକ ଏକ ଯୋଜନା। ଏହି ଯୋଜନା ମାଧ୍ୟମରେ ଆଇଆଇଟି ଛାତ୍ରମାନେ ଆଶାୟୀ ଛାତ୍ରଛାତ୍ରୀଙ୍କୁ ଜେଇଇ ମେନ୍ କୋଚିଂ ଦେଇପାରିବେ। ଯାହା ବିଶେଷ ଭାବେ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ସହାୟକ ହେବ ବୋଲି ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ରତ୍ନମ ବରଦା ରାଜକୁମାର ସୂଚନା ଦେଇଛନ୍ତି। ପ୍ରଫେସର ରାଜକୁମାର କହିଛନ୍ତି, ଓଡ଼ିଶାର ସମସ୍ତ ସ୍ଥାନରେ ଆଇଆଇଟି କିମ୍ବା ଜେଇଇ ମେନ୍ ପାଇଁ କୋଚିଂ ସେଣ୍ଟର୍ ନାହିଁ। ଯେଉଁଠାରେ ଅଛି ସେହି କୋଚିଂ ସେଣ୍ଟରଗୁଡ଼ିକ ମୋଟା ଅଙ୍କରେ ଅର୍ଥ ନେଉଛନ୍ତି। ଯାହାଠୁ ମୁକ୍ତି ପାଇବା ପାଇଁ ତଥା ସୁବିଧାରେ ସହାୟକ ହେବ ଆଇଆଇଟି ପାଲ୍। ଏହା ମାଧ୍ୟମରେ ଭୁବନେଶ୍ୱର ଆଇଆଇଟିର ଛାତ୍ରଛାତ୍ରୀମାନେ ମଧ୍ୟ ଜେଇଇ ମେନ୍ ଆଶାୟୀଙ୍କୁ କୋଚିଂ ଦେବେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ମଧ୍ୟ ଏହି କୋଚିଂ ଦିଆଯିବ। ଜେଇଇ ମେନ୍ କୋଚିଂ ପାଇଁ ଟ୍ରେନର୍‌ମାନଙ୍କୁ ଆଇଆଇଟି ଟ୍ରେନିଂ ଦେବ। ସେହିପରି ରାଜ୍ୟ ସରକାର ଏହି ଯୋଜନା ପାଇଁ ଆଗେଇ ଆସିବାକୁ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ରାଜକୁମାର ଆହ୍ୱାନ ଦେଇଛନ୍ତି। ରାଜ୍ୟ ସରକାର କିଛି ଶିକ୍ଷକଙ୍କୁ ଜେଇଇ ମେନ୍ କିମ୍ବା ଆଇଆଇଟି ପ୍ରବେଶିକା ପରୀକ୍ଷାର କୋଚିଂ ପାଇଁ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏଥି ପାଇଁ ଭୁବନେଶ୍ୱର ଆଇଆଇଟି ସହଯୋଗ କରିବ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।